## ନିହାର ରଞ୍ଜନ ବ୍ଲକ ଯୁବ ବିଜେଡି ସଭାପତି

ବଡ଼ସାହି,(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଯୁବ ବିଜେଡି ସଭାପତି ଭାବେ ନିହାର ରଞ୍ଜନ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଗତ ୫ବର୍ଷ ମଧ୍ୟରେ ସେ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୁଚାରୁରୂପେ ତୁଲାଇ ଥିବାରୁ ଦଳ ତାଙ୍କ ଉପରେ ପୁଣି ଥରେ ଆସ୍ଥା ପ୍ରକଟ କରିଛି। ବ୍ଲକ ସଭାପତି ତପନ କୁମାର ପତି, ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ଦଳେଇ, ବ୍ଲକ ଅଧକ୍ଷା ମିନତୀ ସିଂ, ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ, ରାକେଶ ମହାପାତ୍ର, ଗୋପାଳ ମହାନ୍ତି, ଅଶୋକ ଖିଲାର, ଅନଙ୍ଗ ଭୂଷଣ ସଦୁଆଳ ଓ ସମ୍ମିତ କୁମାର ରାଉତ ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଢେଙ୍କିକୋଟ,୩।୩(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ. ମସିଣାବିଲା ଗ୍ରାମ ନିକଟରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଆନନ୍ଦପୁର ଗ୍ରାମର ଭରତଭୂଷଣ ସାମଲ (୪୮)। ସେ ଗୁରୁବାର ସନ୍ଧ୍ୟାରେ ନିଜ ବାଇକ ଯୋଗେ କେନ୍ଦୁଝରରୁ ଘରକୁ ଫେରୁଥିଲେ। ମସିଣାବିଲା ଗ୍ରାମ ନିକଟରେ କୌଣସି ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଡିଭାଇଡରରେ ପିଟି ହୋଇ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କିକୋଟ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଗାଁ ଥାନା (ନଂ- ୪୬/୨୩)ରେ ମାମଲା ରୁଜୁ ହୋଇଥିବା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅଧିକାରୀ ସବଇନ୍ସପେକ୍ଟର ତରଣୀସେନ ବାଗ କହିଥିଲେ।

### ବଦଳିଲେ କପ୍ତିପଦା ଉପଖଣ୍ଡ ଉପ ଜିଲାପାଳ

ଉଦଳା,୩।୩(ଡି.ଏନ.ଏ.)- ଦୀର୍ଘ ୪ ବର୍ଷରୁ ଅଧିକ ସମୟ ହେବ କପ୍ତିପଦା ଉପଖଣ୍ଡର ଉପ ଜିଲାପାଳ ଭାବେ ଦାୟିତ୍ୱରେ ଥିବା ଭଗବାନ ବେହେରାଙ୍କର ବଦଳି ହୋଇଛି। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଅର୍ଡର ନଂ-ଜିଏଡି-ଏସ୍ଇଆର୨-ଆଇଡି-୦୦୧୪-୨୦୨୨-୬୩୪୪/ଏସସିଏସ୍ ଅନୁସାରେ ତାଙ୍କର ବଦଳି ହୋଇଛି। ନୂତନ ଉପଜିଲାପାଳ ଭାବେ ମୟୂରଭଞ୍ଜ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ବାରିକ କାର୍ଯ୍ୟରେ ଯୋଗଦେବେ ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୧୨ରେ କପ୍ତିପଦା ଉପଖଣ୍ଡର ଉପ ଜିଲାପାଳ ଭାବେ ଦାୟିତ୍ୱ ନେଇଥିବା ଭଗବାନ ବେହେରା ମନମାନୀ ଚଳାଇ ଆସୁଥିବା ଅଭିଯୋଗ ହୋଇଥିଲା। ଗଣମାଧ୍ୟମର କଣ୍ଠରୋଧ କରିବା ଲାଗି ପ୍ରୟାସ୍ କରି ବିବାଦ ଘେରକୁ ଆସିଥିଲେ। ତାଙ୍କ ବଦଳି ଦାବିରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ କିଛି ଦିନ ହେବ ଆନ୍ଦୋଳନ ଜାରି ରଖିଥିଲେ।

### ଖୁବ୍‌ଶୀଘ୍ର ହେବ ଆନନ୍ଦ ବଜାର-ବସ୍‌ଷ୍ଟାଣ୍ଡ ଅଣ୍ଡରପାସ୍

ବେତନଟୀ,୩।୩ (ଡି.ଏନ୍.ଏ.)- ବେତନଟୀ ରେଲଷ୍ଟେଶନ ନିକଟରେ ରେଳଲାଇନ ମଧ୍ୟ ଦେଇ ଆନନ୍ଦ ବଜାରରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଅଣ୍ଡରପାସ ରାସ୍ତା ହେବ। ଏନେଇ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ଦକ୍ଷିଣ ପୂର୍ବ ରେଳପଥ ଖଡଗପୁର ଡିଭିଜନର ଡିଆର୍‌ଏମ୍‌ଙ୍କ ମଧ୍ୟରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଖୁବ୍ ଶୀଘ୍ର ରାସ୍ତା କାମ ଆରମ୍ଭ ପାଇଁ ଶିଳାନ୍ୟାସ ହେବ ବୋଲି ଏମ୍‌ପି ଷଡ଼ଙ୍ଗୀ ସୂଚନା ଦେଇଥିବା ବେତନଟୀ ଭାଜପା ମଣ୍ଡଳ ସଭାପତି ରାଜକିଶୋର ଶାହା କହିଛନ୍ତି।

### ୫ରୁ ଉଦ୍ୟୋଗୀ ସପ୍ତାହ: ସ୍ଥାନ ପାଇବ ୬୦ ଷ୍ଟଲ୍

ଭଦ୍ରକ ଅଫିସ,୩।୩-ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଜିଲା ଶିଳ୍ପକେନ୍ଦ୍ର ଜରିଆରେ ଆସନ୍ତା ୫ରୁ ୯ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଉଦ୍ୟୋଗୀ ସପ୍ତାହ-୨୦୨୩ ପାଳନ କରାଯିବ। ଏନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭଦ୍ରକ କଲେଜ ଖେଳପଡ଼ିଆରେ ଏହା ପାଳନ ହେବାକୁ ଥିବାବେଳେ ସ୍ଥାନୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ହସ୍ତଶିଳ୍ପ କାରିଗର, ଓର୍‌ମାସ, ମିଶନଶକ୍ତି ପକ୍ଷରୁ ପ୍ରାୟ ୬୦ ଷ୍ଟଲ୍ ଏଥିରେ ସ୍ଥାନ ପାଇବ। ବିଭିନ୍ନ ଆଞ୍ଚଳିକ ଉତ୍ପାଦ, ଶିଳ୍ପଭିତ୍ତିକ ଉତ୍ପାଦ, ହସ୍ତଶିଳ୍ପ ଓ ମହିଳା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରାଯିବ। ପ୍ରତ୍ୟେହ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଷ୍ଟଲ ଖୋଲା ରହିବ। ସରକାରୀ ଯୋଜନା ନେଇ ଜନସାଧାରଣ, ହିତାଧିକାରୀ, ସ୍ୱେଚ୍ଛାସେବୀ, ମହିଳା ଗୋଷ୍ଠୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ କର୍ମଶାଳା ଓ ଆଲୋଚନାଚକ୍ର ଆୟୋଜନ କରାଯିବ। ସମସ୍ତ ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ଯୋଜନାର ସୁବିଧା, ସୁଯୋଗ ନେବା ପାଇଁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ପୀତାମ୍ବର ପରିଡ଼ା କହିଛନ୍ତି।

# ପିସି ପାଇଁ ଫାଇଲ ଲୁଚାଇ ଦିଆଯାଉଛି

**ଆନନ୍ଦପୁର,୩।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ହାଇଡ୍ରାମା ଦେଖିବାକୁ ମିଳିଥିଲା। ପୌର କାର୍ଯ୍ୟାଳୟରେ ୬ ନଂ. ୱାର୍ଡର କାଉନ୍‌ସିଲର ମଣିଲତା ରାମଙ୍କ ପ୍ରତିନିଧି ଦେବବ୍ରତ ରାମ ମାଇକ୍ ଲଗାଇ ଦୁର୍ନୀତି ପେଡ଼ି ଖୋଲିଥିଲେ। ବିଗତ ଦିନରେ ଫାଇଲ ଗାଏବ ଘଟଣାକୁ ନେଇ ଡାକବାଜି ଯନ୍ତ୍ର ଯୋଗେ ପୌର କାର୍ଯ୍ୟାଳୟରେ ପିସି ପାଇଁ ଫାଇଲ ଲୁଚାଇ ଦିଆଯାଉଥିବା କହିଥିଲେ। ଏଥିସହ ବିଭିନ୍ନ ଯୋଜନା ଓ କାର୍ଯ୍ୟାଳୟରେ ଦୁର୍ନୀତି ହୋଇଥିବା ପ୍ରଚାର କରି ଏହାର ତଦନ୍ତ ଦାବି କରିଥିଲେ।

ଅଭିଯୋଗ ଅନୁଯାୟୀ, ଉନ୍ନୟନମୂଳକ କାର୍ଯ୍ୟର ଫାଇଲ୍ ଗାଏବ ହେବା, ଆବାସ କାର୍ଯ୍ୟାଦେଶ ଦେବା ଏବଂ ଆବାସ କାର୍ଯ୍ୟାଦେଶ ବିଲ୍ ପାସ୍ ଆଳରେ କର୍ମଚାରୀମାନେ ଅର୍ଥ ଆଦାୟ କରୁଥିବା ଅଭିଯୋଗ ଆଣିଛନ୍ତି। ଏପରିକି ପୌର କାର୍ଯ୍ୟାଳୟର ଜନୈକ କର୍ମଚାରୀ ଫାଇନାଲ୍ ବିଲ୍ ପାସ୍ ବେଳେ ୨ ହଜାର ଟଙ୍କା ଅର୍ଥ ମାଗୁଥିବା ମଧ୍ୟ କହିଥିଲେ। ପିସି ପାଇଁ ଉନ୍ନୟନମୂଳକ ଫାଇଲକୁ ଲୁଚାଇ ଦିଆଯାଉଛି। କେତେବେଳେ ହଜିଯାଇଥିବା ଦର୍ଶାଯାଇ ସରକାରୀ ଅର୍ଥ ବାଟମାରଣା କରାଯିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି। ପୌରପରିଷଦ ଅଧୀନ ବହୁ ହିତାଧିକାରୀ ୩ ମାସ ମଧ୍ୟରେ ଆବାସ ଘର କରି ବୋନସ ପାଉନାହାନ୍ତି। ବୋନସ୍ ପ୍ରଦାନ ପାଇଁ କର୍ମଚାରୀମାନେ ଅଧା ଅଧା ନୀତି ଆପଣାଉଛନ୍ତି। ୬ ନଂ. ୱାର୍ଡ ପାଇଁ ବ୍ୟବହାର ହେଉଥିବା ଅଳିଆ ଉଠା ବ୍ୟାଟେରି ଚାଳିତ ଗାଡ଼ି ୬ ଦିନ ଧରି ଅଚଳ ଥିବା ବେଳେ ତାହା ମରାମତି କରାଯାଉନାହିଁ। କାର୍ଯ୍ୟାଳୟର ସିସିଟିଭି ନାମକୁ ମାତ୍ର ରହିଥିବା କହିଥିଲେ। ସମସ୍ତ ଦୁର୍ନୀତି ପ୍ରସଙ୍ଗ ଉପରେ ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଦୃଢ଼ତାର ସହ କହିଥିଲେ।



କାଉନ୍‌ସିଲରଙ୍କ ପ୍ରତିନିଧି ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରୁଛନ୍ତି।

### ଫାଇଲ୍ ହଜିବା ଘଟଣାରେ ମାମଲା

ଆନନ୍ଦପୁର ପୌରପରିଷଦର କିଛି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ କାର୍ଯ୍ୟର ଫାଇଲ୍ ଅଧକ୍ଷାଙ୍କ ଟେବୁଲ ଉପରୁ ଗାଏବ ହେବା ଘଟଣାରେ ଥାନାରେ ମାମଲା ରୁଜୁ ହୋଇଛି। ପୌର ଅଧିକାରୀ ଅଶୋକ ରାଉତ ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ପୌରକାର୍ଯ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପଚରାଉଚୁରା କରିଥିବା ଜଣାପଡ଼ିଛି।

### କାଉନ୍‌ସିଲର ପ୍ରତିନିଧିଙ୍କ ଅଭିନବ ପ୍ରତିବାଦ

- ମାଇକ୍ ଲଗାଇ ଖୋଲିଲେ ଦୁର୍ନୀତି ପେଡ଼ି
- ଫାଇନାଲ ବିଲ୍ ପାସ୍ କରିବାକୁ ୨ ହଜାର ଦାବି

# ୨ ଘଣ୍ଟା ବିଳମ୍ବରେ ଖୋଲିଲା ଆଖଣ୍ଡଳମଣି ମନ୍ଦିର

**ଆରଡ଼ି, ୩।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିର ଶୁକ୍ରବାର ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ବିଳମ୍ବରେ ଖୋଲିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେବାୟତ ପାଳିକୁ ନେଇ ଦ୍ୱନ୍ଦ୍ୱ ଉପୁଜିବାରୁ ଏଭଳି ସମସ୍ୟା ଉପୁଜିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସ୍ୱର୍ଗତ ମୁରଲୀ ପାଢ଼ୀଙ୍କ ବର୍ଷରେ ପଡୁଥିବା ୨ଟି ସେବାୟତ ପାଳିକୁ ବାସୁ ପାଢ଼ୀଙ୍କ ବଂଶଧର କରିଆସୁଥିଲେ। ହେଲେ ମୁରଲୀଙ୍କ ଉତ୍ତରାଧିକାରୀ ଦର୍ଶାଇ ମୃତ୍ୟୁଞ୍ଜୟ କର ଏହି ୨ ପାଳି କରିବାକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲେ। ଡବ୍ଲୁପିସି ନଂ – ୩୬୧୯୦/୨୪।୧।୨୦୨୩ ନିର୍ଦ୍ଦେଶ କ୍ରମେ ଦେବୋତ୍ତର କମିଶନରଙ୍କ ଆଦେଶ ନଂ – ୨୦୧୪/୧୭।୨।୨୦୨୩ରେ ମୃତ୍ୟୁଞ୍ଜୟ ୨ ପାଳି କରିବେ ବୋଲି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ତଥା ଭଦ୍ରକ ଉପଜିଲାପାଳ ମନ୍ଦିର କାର୍ଯ୍ୟାଳୟକୁ ଜଣାଇଥିଲେ। ମନ୍ଦିର କାର୍ଯ୍ୟାଳୟ ନୋଟିସ ନଂ–୨୦୪/୨।୨।୨୦୨୩ ଅନୁଯାୟୀ ମୃତ୍ୟୁଞ୍ଜୟ ପାଳି କାର୍ଯ୍ୟ କରିବେ ବୋଲି ଉଭୟ ପକ୍ଷକୁ ସୂଚନା ଦିଆଯାଇଥିଲା। ପ୍ରତି ସଂକ୍ରାନ୍ତିକୁ ସଂକ୍ରାନ୍ତି ପାଳିଆ ସେବାୟତଙ୍କ ପାଳି ସ୍ଥିରିକୃତ ହୋଇଥାଏ। ଶୁକ୍ରବାର ମୁରଲୀଙ୍କ ପାଳିକୁ ବାସୁଙ୍କ ବଂଶଧର କରିବେ ବୋଲି ଦର୍ଶାଯାଇଥିଲା। ଏଣୁ ଉଭୟ ସେବାୟତ ପାଳି କରିବାକୁ ଅଡ଼ି ବସିଥିଲେ। ମନ୍ଦିର ପ୍ରଶାସନର ହସ୍ତକ୍ଷେପ ପରେ ମନ୍ଦିର ଖୋଲାଯିବା ସହ ସମସ୍ତ ନୀତିକାନ୍ତି ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ଉଭୟପକ୍ଷଙ୍କୁ ଡାକି ସମାଧାନ କରିବାକୁ ଉଦ୍ୟମ କରିଥିଲେ। ଆସନ୍ତା ସେପ୍ଟେମ୍ବରଠାରୁ ମୃତ୍ୟୁଞ୍ଜୟ ପାଳି ସମାପନ କରିବେ ବୋଲି ତହସିଲଦାର ବାସୁଙ୍କ ବଂଶଧର ସେବାୟତଙ୍କୁ କହିଥିବା ସୂଚନା ଦେଇଛନ୍ତି। ଯେହେତୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସମ୍ବଳିତ ନୋଟିସ ୧ ଦିନ ଆଗରୁ ବାସୁଙ୍କ ବଂଶଧର ସେବାୟତଙ୍କୁ ଦିଆଯାଇଛି ଓ ପାଳି ପାଇଁ ସେମାନେ ପ୍ରସ୍ତୁତ ଥିଲେ, ସେମାନେ ହିଁ ଶୁକ୍ରବାର ପାଳି କାର୍ଯ୍ୟ ସମାପନ କରିଥିବା ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପ୍ରକାଶ କରିଛନ୍ତି।

### ସେବାୟତ ପାଳିକୁ ନେଇ ଦ୍ୱନ୍ଦ୍ୱ

# ନୂଆ ରୂପରେ ଚମକିବ ଭୂଆବନ୍ଧ



ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ରାସ୍ତା କାମ।

**ଭୋଗରାଇ, ୩।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବନ୍ୟା ପ୍ରତିରୋଧକ ଭୂଆବନ୍ଧ ଏବେ ନୂଆ ରୂପ ନେବାକୁ ଯାଉଛି। ବ୍ରିଟିଶ୍ ଅମଳ ଏବଂ ମରହଟ୍ଟା ଅମଳର ନିର୍ମିତ ଏହି ଭୂଆବନ୍ଧ ଦକ୍ଷିଣଭୋଗରାଇ ୩୨ ପଞ୍ଚାୟତକୁ ବନ୍ୟା ଦାଉରୁ ରକ୍ଷା ପାଇଁ ପାଚେରି ଭଳି ଉଭା ହୋଇଥିବା ବେଳେ ଦୀର୍ଘବର୍ଷ ଧରି ଏହି ବନ୍ଧରେ ଆଖିଦୃଶିଆ ରାସ୍ତା ନ ହେବାରୁ ବର୍ଷାଦିନେ ରାସ୍ତା ଶୋଚନୀୟ ହୋଇପଡ଼ି ଦୁର୍ଗମ ରାସ୍ତାରେ ପରିଣତ ହେଉଥିଲା। ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଏହି ରାସ୍ତା ମରାମତି ସହ ଉନ୍ନତମାନର ସ୍ଥାୟୀ ନିର୍ମାଣ କରିବାକୁ ଦାବି ହୋଇଆସୁଥିବା ବେଳେ ରାଜ୍ୟ ସରକାର ସେଚ ବିଭାଗକୁ ଉକ୍ତ ବନ୍ୟା ପ୍ରତିରୋଧକ ବନ୍ଧ ଖୁବ୍‌ଶୀଘ୍ର ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁଆବନ୍ଧର ଲକ୍‌ଗେଟ୍‌ଠାରୁ ଜୟରାମପୁର-ବଣବାଡ଼ି ପର୍ଯ୍ୟନ୍ତ ୪କୋଟି ୨୮ଲକ୍ଷ ଟଙ୍କା ଅନୁଦାନର କାର୍ଯ୍ୟ ଆରମ୍ଭ ହୋଇଛି। ଗୋଟିଏ ମାସ ପରେ ଭୂଷଣ୍ଡେଶ୍ୱର ଏବଂ ଚନ୍ଦନେଶ୍ୱର ଚଡ଼କମେଳା ଶୁଭାରମ୍ଭ ହେବାକୁ ଯାଉଥିବା ବେଳେ ଉତ୍ତର ଭୋଗରାଇର ୫ ପଞ୍ଚାୟତ ସହ ଦକ୍ଷିଣ ଭୋଗରାଇର ବହୁ ପଞ୍ଚାୟତ ଦୁଇ ପ୍ରସିଦ୍ଧ ଶୈବପୀଠ ଚଡ଼କମେଳା ଦର୍ଶନ ଏବଂ ଆରାଧନା ନିମନ୍ତେ ଗମନାଗମନର ବାଟ ସୁଗମ ହେବାକୁ ଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ବାଟଗ୍ରାମଠାରୁ ଲକ୍‌ଗେଟ୍ ଓ ଓଡ଼ିଶା ସୀମାନ୍ତ ନସରବାଦଠାରୁ ବାଟଗ୍ରାମ ପର୍ଯ୍ୟନ୍ତ ରାସ୍ତା ଉନ୍ନତି କାର୍ଯ୍ୟ ଆରମ୍ଭ ହୋଇଛି। ଭୁଆବନ୍ଧକୁ ଜୀବନ୍ତ ଆକର୍ଷଣ କରିବା ପାଇଁ ସେଚବିଭାଗ ପକ୍ଷରୁ ବନ୍ଧର ଉଭୟ ପାର୍ଶ୍ୱରେ ବଉଳ ଗଛ ଲଗାଯାଇ ପଥଚାରୀଙ୍କୁ ଆକୃଷ୍ଟ କରାଯିବ ବୋଲି ସେଚ ବିଭାଗୀୟ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଓଡ଼ିଶା ଓ ପଶ୍ଚିମବଙ୍ଗରୁ ଗମନାଗମନ, ବାଣିଜ୍ୟ ବ୍ୟବସାୟରେ ଲୋକେ ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି।

## ଆଇରନ ପିଲେଟ ବୋଝେଇ ହାଇୱା ଜବତ, ୩ ଗିରଫ

**ବଡ଼ବିଲ,୩।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ଆଇରନ ପିଲେଟ ବୋଝେଇ ହାଇୱା ସହ ଏସକର୍ଟ କରି ନେଉଥିବା ବୋଲେରୋକୁ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ୩ ମୋବାଇଲ ମଧ୍ୟ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ସରାଇକେଲା ଅଞ୍ଚଳର ରୌନକ କୁମାର, ଯୋଡ଼ା ସହିଦ ନଗର ଅଞ୍ଚଳର ପ୍ରଶାନ୍ତ ରାଜ ଓ ଯୋଡ଼ା ବନେଇକଳା ଅଞ୍ଚଳରେ ରହୁଥିବା ରାଜୁ ବିନ୍ଧାଣୀ। ସୂଚନା ଅନୁଯାୟୀ, ଗତ ଗୁରୁବାର ଭୋର ସମୟରେ ବଡ଼ବିଲ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଆଇରନ ପିଲେଟ ଚୋରାଚାଲାଣ ଖବର ପାଇଥିଲା। ବଲାଣି-ବଡ଼ବିଲ ମୁଖ୍ୟ ରାସ୍ତାରେ ଦାମୁହଟିଂ ଆଡୁ ଆସୁଥିବା ପ୍ରାୟ ୧୭ ମେଟ୍ରିକ ଟନ ଚୋରା ଆଇରନ ପିଲେଟ ବୋଝେଇ ହାଇୱା ଓ ଏହାକୁ ଏସକର୍ଟ କରୁଥିବା ଏକ ବୋଲେରୋକୁ ପୋଲିସ ଜବତ କରିଥିଲା। ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ବଡ଼ବିଲ ପୋଲିସ (ନଂ. ୬୯/୨୦୨୩)ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଛାତ୍ରୀଛାତ୍ର ଶୃଙ୍ଖଳିତ ହେବାକୁ ପରାମର୍ଶ



ଜଗବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାପୀଠ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

**ପଦ୍ମପୁର, ୩।୩ (ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡୁଆ ପଞ୍ଚାୟତ ଜଗବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ଶୁକ୍ରବାର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧାପକ ଗଙ୍ଗାଧର ସେଠୀ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ, ପରିଚାଳନା କମିଟି ସଭାପତି ନଳିନୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ପାଠ ପଢ଼ିବା ସହ ଶୃଙ୍ଖଳିତ ଓ ସଂସ୍କାରୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ଶ୍ରୀକାନ୍ତ ପାକଳ ମଞ୍ଚ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ୧୦୮ ସୁସଜ୍ଜିତ ବିମାନରେ ବିଜେ କଲେ ଯୁଗଳଦେବ

### ଡିହିରାକୁଳ ଗାଁରେ ଫଗୁ ଦଶମୀ ଦୋଳଯାତ୍ରା

**ଉଦଳା,୩।୩ (ଡି.ଏନ୍.ଏ.)**

ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗାଁରେ ୫୩ତମ ଫଗୁ ଦଶମୀ ଦୋଳଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ଗୋପୀନାଥ ଦେବ ସୁସଜ୍ଜିତ ବିମାନରେ ଦୋଳ ମଣ୍ଡପକୁ ବିରାଜମାନ କରିଥିଲେ। ନାମ ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟ ଧ୍ୱନିରେ ଗ୍ରାମ ଦାଣ୍ଡ ପ୍ରକମ୍ପିତ ହୋଇ ପଡ଼ିଥିଲା। ପ୍ରଥମେ ଗୋପୀନାଥ ଦେବମଣ୍ଡପକୁ ବିରାଜମାନ କରିବା ପରେ କପ୍ତିପଦା ଉପଖଣ୍ଡ ଏବଂ ପଡୋଶୀ ବାଲେଶ୍ୱର ଜିଲାର ନୀଳଗିରି ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ୧୦୮ଟି ସୁସଜ୍ଜିତ ବିମାନ ଯୋଗେ ରାଧାମାଧବ ଯୁଗଳ ଦେବ ଦୋଳମଣ୍ଡପକୁ ବିଜେ କରିଥିଲେ। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଗୁରୁବାର ସକାଳେ ଦୋଳ ମଣ୍ଡପରେ ବସନ୍ତରାସ ଉତ୍ସବ, ମିଳନ ପର୍ବ, ଅବିର ଖେଳ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ଦଳ ବସନ୍ତରାସ ଉତ୍ସବ ସଂକୀର୍ତ୍ତନ ଗାନ କରିଥିଲେ। ଦୋଳ କମିଟିର ମୁଖ୍ୟ ସଭାପତି ସୋମନାଥ ପୃଷ୍ଟି, ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟି, ସର୍ବେଶ୍ୱର ହାତୀ, ବାପି ବେହେରା, ହରେକୃଷ୍ଣ ପୃଷ୍ଟି, ବିଶ୍ୱନାଥ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦଳା ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତି ଅଶୋକ କୁମାର ଦାସ, ରାମଚନ୍ଦ୍ର ବେହେରା, ବିଜନ ନାୟକ, ମୁରଲୀ ଶିଅଳ ପ୍ରମୁଖ ଯୋଗ ଦେଇଥିଲେ। ଦୋଳଯାତ୍ରାର ସଭାପତି ପ୍ରଦୀପ ପୃଷ୍ଟି ବିରାଜମାନ ରାଧାମାଧବ ଯୁଗଳ ଦେବଙ୍କୁ ଦର୍ଶନ କରିବା ସହିତ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ।

# ଆଶା, ଅଙ୍ଗନୱାଡି କର୍ମୀଙ୍କୁ ଯୋଗ ପ୍ରଶିକ୍ଷଣ



ଆଶା କର୍ମୀମାନେ ଯୋଗ ତାଲିମ ନେଉଛନ୍ତି।

**ଖଇରା, ୩।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଧିକାରୀ ଅନୋଲା ଜଗଦେବ ଏହାକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ରୋଗର ନିଦାନ ଯୋଗରେ ରହିଛି ବୋଲି ପ୍ରକାଶ କରିଥିଲେ। ଯୋଗ ପ୍ରଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ଆଣ୍ଠୁଗଣ୍ଠି ବାତ, ମଧୁମେହ ତଥା ଉଚ୍ଚ ରକ୍ତଚାପ ଆଦି ମୁକ୍ତି ପାଇଁ ଯୋଗ ଏକମାତ୍ର ମାଧ୍ୟମ ବୋଲି ପ୍ରକାଶ କରିବା ସହ ଏଥିରୁ ଉପଶମ ପାଇବା ପାଇଁ ବିଭିନ୍ନ ପ୍ରକାର ଯୋଗ ଶିକ୍ଷା ଦେଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଆଶା ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ନେଇ ଯୋଗ ପ୍ରଶିକ୍ଷଣ ନେଇଥିଲେ।

# ମାଧବ ବିଜେଡି ଜିଲା କମିଟି ସଭାପତି

**କେନ୍ଦୁଝର,୩।୩(ଡି.ଏନ୍.ଏ/ସ୍ୱ.ପ୍ର)**

କେନ୍ଦୁଝର ଜିଲା ବିଜୁ ଜନତା ଦଳର ଜିଲା କମିଟି ପୁନର୍ଗଠିତ ହୋଇଛି। ମାଧବ ସର୍ଦ୍ଦାର ପୁନର୍ବାର ଜିଲା ସଭାପତି ହୋଇଥିବା ବେଳେ କୁଶ ଆପଟ୍ଟ ଓ ପ୍ରମୋଦ ପଟ୍ଟନାୟକଙ୍କୁ ବରିଷ୍ଠ ଉପସଭାପତି କରାଯାଇଛି। ରମେଶ ଚନ୍ଦ୍ର ପଲେଇ, ରତିକାନ୍ତ ରାଉତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ନିରଞ୍ଜନ ଦାସ ଓ ବେଣୁଧର ମହାନ୍ତ ଉପସଭାପତି ରହିଛନ୍ତି। ଗୁରୁବାର ଏନେଇ ଜିଲା ବିଜେଡି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରାଯାଇ ଦଳ ପକ୍ଷରୁ ଘୋଷଣା କରାଯାଇଥିଲା। ଏଥିସହ ପ୍ରଶାନ୍ତ ରାଉତ, ଅକ୍ଷୟ ସାହୁ, ଦୁର୍ଯ୍ୟୋଧନ ବାରିକ, ଡବର ମୁଣ୍ଡା, ଲକ୍ଷ୍ମଣ ମହାନ୍ତ, ବରଦା ପ୍ରସନ୍ନ ଦାସ, ବିପିନ ବିହାରୀ ଆପଟ୍ଟ, ପ୍ରଶାନ୍ତ ଭଞ୍ଜଦେଓ, ଭାଗିରଥି ଦାସ, ଈଶ୍ୱର ଦଣ୍ଡପାଟଙ୍କୁ ସାଧାରଣ ସମ୍ପାଦକ, ରତ୍ନାକର ସାହୁଙ୍କୁ କୋଷାଧ୍ୟକ୍ଷ, ଶରତ ଚନ୍ଦ୍ର ଜେନାଙ୍କୁ ସାମାଜିକ ଗଣମାଧ୍ୟମ, ଅରୁପ ସିହ୍ନାଙ୍କୁ ଆଇଟି ସଂଯୋଜକ, ସଦ୍ୟାନନ୍ଦ ମିଶ୍ର, ମନୋରଞ୍ଜନ ସାହୁ, ବ୍ରଜକିଶୋର ପାଢ଼ୀ, ଗୌରାଙ୍ଗ ରଣା, ଲଛମନ ମହାନ୍ତ, ହେମନ୍ତ ସଏ, ବାବୁଲାଲ ସାହୁ, ରାଧାଗୋବିନ୍ଦ ପଟ୍ଟନାୟକ, ଉମାକାନ୍ତ ବିନ୍ଧାଣୀ, ସଞ୍ଜୀତ ଦାସ, ଦିଲ୍ଲୀପ ବାରିକ, ଜ୍ଞାନରଞ୍ଜନ ପତି, ନିରଞ୍ଜନ ତ୍ରିପାଠୀ, ମହେନ୍ଦ୍ର ସାହୁ, ଯଶୋବନ୍ତ ବାରିକ, କୃଷ୍ଣଚନ୍ଦ୍ର ମହାପାତ୍ର, ନୀଳମଣି ସାହୁ, ଉଗ୍ରସେନ ପଲେଇ ଓ ମହେନ୍ଦ୍ର ନାଏକଙ୍କ ସମେତ ୩୨ ଜଣଙ୍କୁ ସମ୍ପାଦକ, କୃଷ୍ଣଚନ୍ଦ୍ର ପରିଡ଼ା, ଗୋପାଳ ଚନ୍ଦ୍ର ପଟ୍ଟନାୟକ, ବିଦ୍ୟାଧର ବିଶ୍ୱାଳ, ଶରତ ଚନ୍ଦ୍ର ସାମଲ, ଅରୁଣ ସାହୁ, ହରେକୃଷ୍ଣ ବେହେରା, ବାମଦେବ ପଣ୍ଡା, ଦେବେନ୍ଦ୍ର ରାମ, ସୁଜିତ୍ ସେଠୀ, ଦୀଳେଶ୍ୱରୀ ଦାସ, ଜାନକୀ ନାୟକ, ଲିଙ୍ଗରାଜ ମହାନ୍ତ, ସଞ୍ଜିବ ପଲେଇ, ଭକ୍ତ ମହାନ୍ତ, ବିଜୟ ମହାନ୍ତି, ଅରୁଣ ଶେଖର, ଦେବରଞ୍ଜନ ନାୟକ, ସୁରେଶ ରାଉତରାୟ, ବଳରାମ ସାହୁ, ଗୋପିନାଥ ସ୍ୱାଇଁ, ବ୍ରହ୍ମେଶ୍ୱର ସାହୁ, ବିଜୟ ସାହୁ, ଗୁରୁଚରଣ ମହାପାତ୍ର, କାନନ ବିହାରୀ ପହି, ଆଶିଷ ଚକ୍ରବର୍ତ୍ତୀ, ଦେବାଶିଷ ପଟ୍ଟନାୟକ, ମିନା ମାଝୀ, ରଥ ମୁଣ୍ଡା, ଦଗଦୀଶ ଆପଟ୍ଟ, ରାହାସ ପୃଷ୍ଟି, ଦେବବ୍ରତ ରାଜ, ମିତ୍ରଭାନୁ ମହାନ୍ତ, ସୁନିତା ପ୍ରଧାନ ପ୍ରମୁଖଙ୍କୁ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରଖାଯାଇଛି।

# ଏନ୍‌ଆର୍‌ଇଜିଏସ୍‌ରେ ସରକାରୀ ଅର୍ଥ ହଡ଼ପ



ଜେସିବି ଦ୍ୱାରା ପୋଖରୀ ଖନନ କରାଯାଉଛି।

**ବାଲେଶ୍ୱର ଅଫିସ, ୩।୩**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତରେ ଥିବା ପୋଖରୀଗୁଡ଼ିକରୁ ବେଆଇନ ଭାବେ ମାଟି ଚୋରି ହେଉଛି। ପରେ ଏହାକୁ ଏମ୍‌ଜିଏନଆରଇଜିଏସ୍‌ରେ ସାମିଲ କରି ଜାଲ୍ ଜବ୍‌କାର୍ଡ଼ଧାରୀଙ୍କ ସହ ସଲାସୁତରା କରି ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥକୁ ହଡ଼ପ କରାଯାଉଛି। ଏନେଇ ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ପରିଡ଼ା ଅଭିଯୋଗ କରି ଜିଲାପାଳଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ରେମୁଣା ବିଡିଓ ଓ ୫-ଟି ସଚିବଙ୍କୁ ଲିଖିତ ଅବଗତ କରାଇଛନ୍ତି।

ନୂଆଗାଁ ପଞ୍ଚାୟତ ଅଧୀନ ୧୩ ନଂ. ୱାର୍ଡ଼ ଭୂଇଁପଡ଼ା ମୌଜାର ଲକ୍ଷ୍ମଣ ପୋଖରୀ ଓ ଭଣ୍ଡାରିଆ ପୋଖରୀରୁ ଜେସିବି ମେସିନ୍ ଦ୍ୱାରା ମାଟି ଉତ୍ତୋଳନ କରି ବେଆଇନ ଭାବରେ ଶହ ଶହ ଟ୍ରିପ୍ ମାଟି ବିକ୍ରି କରାଯାଉଛି। ପରବର୍ତ୍ତୀ ସମୟରେ ଉକ୍ତ ପୋଖରୀକୁ ଏମ୍‌ଜିଏନଆରଇଜିଏସ୍‌ରେ ସାମିଲ୍ କରି ଜବକାର୍ଡ଼ଧାରୀଙ୍କ ସହ ସଲାସୁତରା ହୋଇ ସରକାରୀ ଅଧିକାରୀ ଏବଂ ନେତାମାନେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। କେବଳ ଏହି ଦୁଇ ପୋଖରୀ ନୁହେଁ, ଉକ୍ତ ପଞ୍ଚାୟତରେ ବିଭିନ୍ନ ରାଜସ୍ୱ ମୌଜାରେ ଥିବା ପୋଖରୀ, ନାଳ, ଅନାବାଦୀ ଉପରେ ଜେସିବି ଲଗାଇ ଏନ୍‌ଆର୍‌ଇଜିଏସ୍ କାମକୁ ସମ୍ପୂର୍ଣ୍ଣ ହୋଇଛି ବୋଲି ରୂପାନ୍ତରିତ କରିବାକୁ ଯୋଜନା କରାଯାଉଛି। ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।

ଏନେଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ କହିଛନ୍ତି, ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଭୁଲ୍ ଇଞ୍ଜେକ୍ସନ ଯୋଗୁ ନାବାଳକ ମୃତ୍ୟୁ ଘଟଣା, ଥାନାରେ ମାମଲା ରୁଜୁ

**ଭଦ୍ରକ ଅଫିସ,୩।୩**

ଭଦ୍ରକର ଏକ କ୍ଲିନିକ୍‌ରେ ଭୁଲ୍ ଇଞ୍ଜେକ୍ସନ ଯୋଗୁ ବୁଧବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୨୧/୨୩) ରୁଜୁ କରିଛି। ସୂଚନା ଅନୁଯାୟୀ, ବନ୍ତ ବ୍ଲକ ବସନ୍ତିଆ ଗ୍ରାମର ମନୋଜ ରାଉଳଙ୍କ ପୁଅ ଶୁଭେନ୍ଦୁ ବୁଧବାର ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଭଦ୍ରକର ଏକ କ୍ଲିନିକକୁ ଅଣାଯାଇଥିଲା। ସେଠାରେ ଇଞ୍ଜେକ୍ସନ ଦେବା ପରେ ବାନ୍ତି ହେବା ସହ ସଂଜ୍ଞାହୀନ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହକୁ ତାଙ୍କ ସମ୍ପର୍କୀୟମାନେ ଉକ୍ତ କ୍ଲିନିକ ପାଖକୁ ଆଣି ହୋହଲ୍ଲା କରିଥିଲେ। ପୋଲିସ ମୁତୟନ ରହିବା ସତ୍ତ୍ୱେ ସେଠାରେ ଗଣ୍ଡଗୋଳ ମଧ୍ୟ ହୋଇଥିଲା। ଭୁଲ୍ ଇଞ୍ଜେକ୍ସନ ଯୋଗୁ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ଏବଂ କ୍ଲିନିକ ନିକଟରେ କିଛି ଲୋକ ତାଙ୍କୁ ମାଡ଼ ମାରିଥିବା ମୃତ ନାବାଳକଙ୍କ ବାପା ମନୋଜ ଏତଲାରେ ଉଲ୍ଲେଖ କରିଛନ୍ତି।

## ଗୁହାଳରେ ଅଗ୍ନିକାଣ୍ଡ: ୧ ମୃତ, ୨ ଗୁରୁତର

ସୋର, (ଡି.ଏନ୍.ଏ.)-ଗୁରୁବାର ରାତିରେ ସୋର ବ୍ଲକ ଆଟପୁର ପଞ୍ଚାୟତ ସାରୁପଦା ଗ୍ରାମର ଏକ ଗୁହାଳରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ୨ଟି ଗୁରୁତର ହୋଇଛନ୍ତି। ଏହି ଗ୍ରାମର ବୁଦ୍ଧିରାମ ଦାସଙ୍କ ଗୁହାଳ ଘରେ ମଶାମାନଙ୍କୁ ଘଉଡ଼ାଇବା ପାଇଁ ଧୂଆଁ ଦିଆଯାଇଥିଲା। ଏହି ନିଆଁ ଜଳି ଗୁହାଳ ଘର ଚାଳରେ ଲାଗିଯାଇଥିଲା। ସୋର ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ସମୟରେ ଗୁହାଳରେ ବନ୍ଧା ହୋଇଥିବା ଗୋଟିଏ ଗୋରୁ ପୋଡ଼ିଯାଇଥିବା ବେଳେ ଗୋଟିଏ ବାଛୁରୀ ସହ ଅନ୍ୟ ଗୋରୁ ଗୁରୁତର ଭାବେ ପୋଡ଼ିଯାଇଛି।

### ଆଜି କ'ଣ କେଉଁଠି

ଭଦ୍ରକ
- ବାସୁଦେବପୁର ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୪।

## ଶିମିଳିପାଳ ଉତ୍ତର ଡିଭିଜନରେ ଲାଗିଲା ନିଆଁ

ବାରିପଦା ଅଫିସ,୩।୩- ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନରେ ନିଆଁ ଲାଗିଛି। ୪୫ଟି ସ୍ଥାନରେ ନିଆଁ ଲାଗିଥିବା ନେଇ ସାଟେଲାଇଟ ଚିତ୍ରରୁ ଜଣାପଡ଼ିଛି। ତେବେ ସମସ୍ତ ସ୍ଥାନରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିବା ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ତାଳବନ୍ଧ, ତୁଳସୀବଣି, କୁମାରୀ, ଜାମୁଆଣି ରେଞ୍ଜର ଚହଲା, ଠାକୁରମୁଣ୍ଡା, କେନ୍ଦୁମୁଣ୍ଡି ପ୍ରଭୃତି ରେଞ୍ଜର ଏକାଧିକ ସ୍ଥାନରେ ନିଆଁ ଲାଗିଛି। ଅଗ୍ନିକାଣ୍ଡରେ ବହୁ ମୂଲ୍ୟବାନ ଗଛ ପୋଡ଼ି ପାଉଁଶ ହେବାରେ ଲାଗିଛି। ତେବେ ନିଆଁ ଲିଭେଇବା ପାଇଁ ବନ ବିଭାଗ କର୍ମଚାରୀଙ୍କ ସହ ସ୍ଥାନୀୟ ଲୋକେ ଉଦ୍ୟମ ଜାରି ରଖିଛନ୍ତି। ଗଛ ତଳେ ଶୁଖିଲା ପତ୍ର ପଡ଼ିଥିବାରୁ ପବନର ବେଗ ବଢ଼ିବା ସହିତ ନିଆଁର ପ୍ରକୋପ ମଧ ବଢ଼ିବାରେ ଲାଗିଥିବା ଦେଖିବାକୁ ମିଳିଥିଲା। ନିଆଁ ଲାଭେଇବା କାର୍ଯ୍ୟ ଜାରି ରହିଛି ବୋଲି ବନ ଅଧିକାରୀ ସୂଚନା ଦେଇଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

ବେତନଟୀ,୩।୩(ଡି.ଏନ.ଏ.)- ବେତନଟୀ ଅଞ୍ଚଳର ସାମାଜିକ କର୍ମୀ ସୁନୀଲ କୁମାର ଅଗ୍ରୱାଲ(୫୫)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ ଜଣେ ମେଳାପୀ ସ୍ୱଭାବର ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ବେତନଟୀ ଅଞ୍ଚଳର ବହୁ ସଂଗଠନର ସଦସ୍ୟ ତାଙ୍କ ଶେଷ ଦର୍ଶନ କରିଥିଲେ।

## ଭାଜପା କର୍ମୀଙ୍କୁ ପୋଲିସର ଆକ୍ରମଣ ନେଇ ଏତଲା

ପାଟଣା, ୩।୩(ସ୍ୱ.ପ୍ର.)
ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନରେ ଭାଜପାର ଯୁବ ମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା ବେଳେ ପୋଲିସ ମରଣାନ୍ତକ ଆକ୍ରମଣ କରିଥିବା ଭାଜପା ଅଭିଯୋଗ କରିଛି। ଏହାର ପ୍ରତିବାଦରେ କେନ୍ଦୁଝର ଜିଲା ପାଟଣା ଭାଜପା ଶୁକ୍ରବାର ପାଟଣା ଓ ତୁରୁମୁଙ୍ଗା ଥାନାରେ ଭୁବନେଶ୍ୱର-କଟକ କମିଶନର ଓ ଭୁବନେଶ୍ୱର ଡିସିପିଙ୍କ ବିରୋଧରେ ଏତଲା ଦେଇଛି। ଏତଲା ପ୍ରଦାନ ବେଳେ ଭାଜପା ଜିଲା ନାରୀନେତ୍ରୀ ମମିତା ନାଏକଙ୍କ ନେତୃତ୍ୱରେ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶବୀର ଦାଶ, ମହିଳା ମୋର୍ଚ୍ଚା ଜିଲା ଉପ ସଭାପତି ସୋମବାରୀ ମୁଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅନ୍ତେବାସୀଙ୍କ ସହ ଖାଇଲେ, ବିକାଶ ପ୍ରକଳ୍ପ ବୁଲି ଦେଖିଲେ

ବାରିପଦା ଅଫିସ,୩।୩


ବାରିପଦା ଷ୍ଟାଡିୟମରେ କୁନି ଖେଳାଳିମାନେ ୫-ଟି ସଚିବଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି।

■୨ ଦିନିଆ ମୟୂରଭଞ୍ଜ ଗସ୍ତ ସାରି ଫେରିଲେ ୫-ଟି ସଚିବ
■ଜିଲାକୁ ମିଳିପାରେ ୧୫୦୦କୋଟି

୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ମୟୂରଭଞ୍ଜ ଗସ୍ତର ଦ୍ୱିତୀୟ ଦିନରେ ବିଭିନ୍ନ ଜନକଲ୍ୟାଣ ମୂଳକ ବିକାଶ କାର୍ଯ୍ୟର ଅଗ୍ରଗତି ଓ ନୂତନ ପ୍ରକଳ୍ପଗୁଡ଼ିକର କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ୫-ଟି ସଚିବଙ୍କ ଏହି ଗସ୍ତ ପରେ ଜିଲାର ମୋଟ ୧୫ଟି ପ୍ରକଳ୍ପ ନିମନ୍ତେ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାୟ ୧୫୦୦କୋଟି ଟଙ୍କା ଅନୁଦାନ ରାଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବେ ବୋଲି ଜିଲାବାସୀ ଆଶାବ୍ୟକ୍ତ କରିଛନ୍ତି।

ଶୁକ୍ରବାର ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସହ ୫-ଟି ସଚିବ ସଡ଼କ ପଥରେ ରାଇରଙ୍ଗପୁରରୁ ବାହାରି ଦ୍ୱାରଶୁଣି ଘାଟିରେ ପ୍ରସ୍ତାବିତ ବିକଳ୍ପ ରାସ୍ତା ନିର୍ମାଣର ସମୀକ୍ଷା କରି ବାଙ୍ଗିରିପୋଷି ନିକଟ ଚନ୍ଦନପୁର କତରା ନଦୀ ପୋଲ ନିକଟରେ ଅଟକି ଥିଲେ। ବିଶୋଇ-ଯୋକା-ଚନ୍ଦନପୁର ଦେଇ ୩୧.୪କି.ମି. ରାସ୍ତା ନିର୍ମାଣ ହେଲେ ଘାଟିର ସମସ୍ୟା ଦୂର ହୋଇପାରିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ କହିଥିଲେ। ସେଠାରୁ ବାହାରି ବାରିପଦା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ୫କୋଟି ଟଙ୍କା ଅଟକଳରେ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ବୁଲି ଦେଖିଥିଲେ। ମନ୍ଦିର ସମ୍ମୁଖରେ ଥିବା ନାଗରା ଭାଡ଼ିକୁ ନୂତନ ଭାବେ ନିର୍ମାଣ କରିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ପରେ ବେଲଗଡ଼ିଆ ସ୍ଥିତ ଘୋଡ଼ାଶାଳ ବନ୍ଧର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଦର୍ଶନ କରି ବାରିପଦା ଷ୍ଟାଡିୟମରେ ପହଞ୍ଚି ଥିଲେ। ସେଠାରେ କୁନି କୁନି ଖେଳାଳିମାନେ ଫୁଲ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଛାତ୍ରାବାସରେ ଅନ୍ତେବାସୀଙ୍କ ସହ ଆଲୋଚନା କରି ତାଙ୍କ ସହିତ ସକାଳ ଜଳଖିଆ ଖାଇଥିଲେ। ଏହା ପରେ ପାଲବର୍ଣ୍ଣିସ୍ଥିତ ବନବିଭାଗ ଡାକ ବଙ୍ଗଳାରେ ପହଞ୍ଚି ଉପସ୍ଥିତ ବିଭିନ୍ନ କଲେଜର ଛାତ୍ରୀଛାତ୍ର, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନଙ୍କ ସହ ଆଞ୍ଚଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରୁ ବାହାରି ଶାମାଖୁଣ୍ଟା ବ୍ଲକ ବାଲଡିହା ଡ୍ୟାମ ପରିଦର୍ଶନ କରି ପର୍ଯ୍ୟଟକମାନଙ୍କ ନିମନ୍ତେ ବୋଟିଂ ଓ ରହିବା ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ବହୁପ୍ରତିକ୍ଷିତ ବାରିପଦା ମଧୁବନଠାରେ ପହଞ୍ଚି ରିଂ-ରୋଡ ଓ ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ, ଶୁକଯୋଡ଼ା, ଜରାଳୀ ଓ ସରାଳୀ ନଦୀରେ ଆଡିବନ୍ଧ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ସେଠାରୁ ଆସି ୫-ଟି ରୂପାନ୍ତରିତ ବାରିପଦାସ୍ଥିତ ଏମ୍‌କେସି ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ବିଜ୍ଞାନ ଲାବୋରେଟୋରୀ, ଖେଳ ସାମଗ୍ରୀ ଓ ପାଠାଗାର ବୁଲି ଥିଲେ। ପରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଡାକ୍ତରଖାନା ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, ପିଆର୍‌ଏମ୍‌ର ସୁପରିଣ୍ଟେଣ୍ଡେଣ୍ଟ ଡା.ପ୍ରତିଭା ପଣ୍ଡା, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେଠାରୁ ବାହାରି ପାଲବର୍ଣ୍ଣିସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ବାସଭବନକୁ ଯାଇଥିଲେ। କେସିପୁର ବଡ଼ଯୋଡ଼ସ୍ଥିତ ଗୁହାଳଡିହୀ ଗ୍ରାମକୁ ଯାଇ ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ ଉତ୍ପାଦିତ ଏସ୍‌ଏଚ୍‌ଜି ମହିଳାଙ୍କୁ ଭେଟିବା ପରେ ବଡ଼ସାହି ବ୍ଲକ ମାଣତ୍ରୀ ଶୈବପୀଠରେ ଦେବ ଦର୍ଶନ କରିଥିଲେ। ୬୫୦ବର୍ଷର ଐତିହ୍ୟ ବହନ କରୁଥିବା ଏହି ପ୍ରାଚୀନ ପୀଠର ଉନ୍ନତି କରଣ ନିମନ୍ତେ ପ୍ରୟାସ କରାଯିବ ବୋଲି କହିଥିଲେ। ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଗନ୍ତାଘର ଭରପୁର ରହିଛି । ୫-ଟି ସଚିବଙ୍କ ଗସ୍ତ ପରେ ଅନେକ ଆଶା ଓ ସମ୍ଭାବନାକୁ ଜିଲାବାସୀ ଅପେକ୍ଷା କରିଛନ୍ତି । ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମାରାଥନ କାର୍ଯ୍ୟକ୍ରମ କରିଥିଲେ। ଏହି ଗସ୍ତ ସମୟରେ ବାଲେଶ୍ୱର ଆଇଜି ହିମାଂଶୁ ଲାଲ, ଏସ୍‌ପି ରଷିକେଶ ଦ୍ୟାନଦେଓ ଖିଲାରୀ, ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଡେପୁଟି ଜିଲାପାଳ ସୁଜୟ କୁମାର ପତିଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

କେନ୍ଦୁଝର,୩।୩(ସ୍ୱ.ପ୍ର.)

କେନ୍ଦୁଝର କୃଷି ବିଭାଗ ତରଫରୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଇଂ ପ୍ରେମାନନ୍ଦ ନାୟକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ମୁଖ୍ୟଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଡିଏଫ୍‌ଓ ଧନରାଜ ଏଚଡି ଯୋଗଦେଇଥିଲେ। ଏଥିରେ କୃଷି, ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ, ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ବିଭିନ୍ନ କୃଷି ଯନ୍ତ୍ରପାତି ବିକ୍ରେତାଙ୍କ ଦ୍ୱାରା ୮୦ ରୁ ଅଧିକ ଷ୍ଟଲ ପ୍ରଦର୍ଶନ କରାଯାଇଛି। ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ଟି ପାୱାର ଟିଲର ଏବଂ ୭ ଜଣ ଚାଷୀ ଭଉଣୀ ଭାଇଙ୍କୁ ୭ଟି ଟ୍ରାକ୍ଟର ରିହାତି ଦରରେ ବିକ୍ରୟ କରାଯାଇଥିଲା। ଉତ୍ସବକୁ ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ସ୍ୱାଇଁ ସଂଯୋଜନା କରିଥିଲେ।

## ଟ୍ରାଙ୍କୁଲାଇଜ ପାଇଁ ଜଗିଛି ଟିମ୍

**ଅଭୟାରଣ୍ୟରେ ବୁଲୁଛି ଅସୁସ୍ଥ ଦନ୍ତା**

ନୀଳଗିରି, ୩।୩(ସ୍ୱ.ପ୍ର.)


କୁଳଡିହା ଅଭୟାରଣ୍ୟରେ ଟ୍ରାଙ୍କୁଲାଇଜ୍ ଟିମ୍।

ବାଲେଶ୍ୱର ଜିଲା ନୀଳଗିରି କୁଳଡ଼ିହା ଅଭୟାରଣ୍ୟରେ ବୁଲୁଛି ଅସୁସ୍ଥ ଦନ୍ତା। ଅସୁସ୍ଥ ଦନ୍ତାର ଚିକିତ୍ସା ଲାଗି ପ୍ରଥମେ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରିବା ପାଇଁ ବିଶେଷଜ୍ଞ ଟିମ୍ ପହଞ୍ଚିଛି। ହେଲେ ପ୍ରଥମ ଦିନରେ ବନବିଭାଗ ଟ୍ରାଙ୍କୁଲାଇଜ୍ କରିବାରେ ବିଫଳ ହୋଇଛି।

କୁଳଡ଼ିହା ଅଭୟାରଣ୍ୟର ପଞ୍ଚଲିଙ୍ଗେଶ୍ୱର ଜଙ୍ଗଲରେ ଗତ ସୋମବାର ଏକ ଛୁଆ ମାଇହାତୀର ମୃତ୍ୟୁ ଘଟିଥିଲା। ପୁଣି କୁଳଡ଼ିହା ଅଭୟାରଣ୍ୟ ଖୁମକୁଟ ଡ୍ୟାମ୍ ନିକଟରେ ଦୁଇଟି ଦନ୍ତା ଲଢ଼େଇ ଲାଗି ଗୋଟିଏ ଦନ୍ତା ଗୁରୁତର ହୋଇପଡ଼ିଥିଲା। ଦନ୍ତା ହାତୀର ବୟସ ୩୦ରୁ ୪୦ବର୍ଷ ହେବ ବୋଲି ବନବିଭାଗ ଅନୁମାନ କରିଛି। କୁଳଡ଼ିହା ବନାଞ୍ଚଳ ଅଧିକାରୀ ଅନନ୍ତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପଞ୍ଚଲିଙ୍ଗେଶ୍ୱର ନିକଟ ଖୁମକୁଟ ପାଖରେ ପ୍ରାଣୀ ଚିକିତ୍ସକ ଡା. ମୁକ୍ତିକାନ୍ତ ସେଠୀଙ୍କ ଦ୍ୱାରା ଦନ୍ତାର ଚିକିତ୍ସା ଚାଲିଥିଲା। ଅସୁସ୍ଥତା ବଢ଼ିବା ଯୋଗୁ ୱାଇଲଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଥିଲେ। ହାତୀଟି ଅସୁସ୍ଥତା ମଧ୍ୟରେ ଜଙ୍ଗଲରେ ଏକୁଟିଆ ବୁଲୁଥିବା ଦେଖିବାକୁ ପାଇଥିଲେ ବନ କର୍ମଚାରୀ। ତେଣୁ ତାର ଅଧିକ ଚିକିତ୍ସା ଲାଗି ଶୁକ୍ରବାର ଟ୍ରାଙ୍କୁଲାଇଜ୍ କରିବା ପାଇଁ ଅଣ୍ଟା ଭିଡ଼ିଥିଲା ବନ ବିଭାଗ। ଅସୁସ୍ଥ ଦନ୍ତା ଜଙ୍ଗଲରୁ ବାହାରିବା ପରେ ଟ୍ରାଙ୍କୁଲାଇଜ୍ କରିବା ପାଇଁ ଛକି ରହିଥିଲେ ଫିଲ୍ଡ ଡାଇରେକ୍ଟର କମ୍ ଆର୍‌ସିସିଏଫ୍ ଟି. ଅଶୋକ କୁମାର, ବାଲେଶ୍ୱର ଡିଏଫ୍‌ଓ ଖୁସୱନ୍ତ ସିଂହ, କୁଳଡ଼ିହା ରେଞ୍ଜରଙ୍କ ସମେତ ବନ କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ, ଟ୍ରାଙ୍କୁଲାଇଜ୍ ଟିମ୍। କିନ୍ତୁ ଘଞ୍ଚ ଅରଣ୍ୟରେ ହାତୀକୁ ଠାବ କରିଥିଲେ ହେଲେ ପ୍ରଥମ ଦିନରେ ଟ୍ରାଙ୍କୁଲାଇଜ୍ କରିବାରେ ବିଫଳ ହୋଇଛନ୍ତି। ଶନିବାର ପୁଣି ପ୍ରୟାସ କରାଯିବ ବୋଲି ବାଲେଶ୍ୱର ଡିଏଫ୍‌ଓ ଖୁସୱନ୍ତ ସିଂହ ସୂଚନା ଦେଇଛନ୍ତି।

## ଔଷଧ ଦୋକାନରେ ଯାଞ୍ଚ କଲେ ଡ୍ରଗ୍‌ସ ଇନ୍ସପେକ୍ଟର

**ଚମ୍ପୁଆ,୩।୩(ଡି.ଏନ୍.ଏ):** କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ବିଭିନ୍ନ ଔଷଧ ଦୋକାନରେ ଡ୍ରଗ୍‌ସ ଇନ୍ସପେକ୍ଟର ରୁଦ୍ରନାରାୟଣ ସାହୁ ଶୁକ୍ରବାର କାଗଜପତ୍ର ଯାଞ୍ଚ କରିଛନ୍ତି। ଦୋକାନୀମାନେ କେଉଁ ବିତରକମାନଙ୍କ ପାଖରୁ କେତେ ପରିମାଣରେ ଔଷଧ କିଣୁଛନ୍ତି ତାହା ତଦାରଖ କରିବା ସହିତ ଔଷଧ ବିକ୍ରି ପରିମାଣର ରସିଦ ତନଖି କରିଥିଲେ। ବିକ୍ରି ପାଇଁ ଥିବା ଔଷଧ ଗୁଡ଼ିକ ଦେଖିବା ସହିତ ଏହାର ସମୟ ସୀମା ଓ ଗଚ୍ଛିତ ପରିମାଣ ସହ ସରକାରଙ୍କ ଦ୍ୱାରା ବେଆଇନ ଘୋଷଣା ହୋଇଥିବା ଔଷଧ ଅଛି କି ନାହିଁ ଦେଖିଥିଲେ। ଔଷଧ ଗୁଡିକ କେଉଁଠାରୁ ଆସୁଛି ଏବଂ କୋଉ ବିତରକ ଏହା ପ୍ରଦାନ କରୁଛି ତାହାର କାଗଜପତ୍ର ଦେଖିବା ସହିତ ଦୋକାନିକୁ ଠିକ୍ କିଣା ବିକା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ଦୋକାନ ଗୁଡ଼ିକର ଲାଇସେନ୍ସ ମଧ ତନଖି କରାଯାଇଥିଲା।

## ଭାଜପା ପକ୍ଷରୁ ଥାନାରେ ଏତଲା

ଭଦ୍ରକ ଅଫିସ/ଧାମନଗର (ଡି.ଏନ.ଏ.), ୩।୩

ଭାଜପା ଯୁବମୋର୍ଚ୍ଚାର ଆନ୍ଦୋଳନ ବେଳେ ପୋଲିସର ଅତ୍ୟାଚାର ତଥା ଆକ୍ରମଣ ନେଇ ଦଳର ନିଷ୍ପତ୍ତିକ୍ରମେ ଶୁକ୍ରବାର ରାଜ୍ୟବ୍ୟାପୀ ସମସ୍ତ ଥାନାରେ ଭାଜପା ପକ୍ଷରୁ ଏତଲା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ସଭାପତି ହେମନ୍ତ ପାଢ଼ୀ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାନସଭା କ୍ଷେତ୍ର ନେତା ଡ. ପ୍ରଦୀପ ନାୟକ, ଜଗନ୍ନାଥ ଦାସଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଟାଉନ ଥାନାରେ ଏତଲା ଦେଇଛନ୍ତି। ସେହିପରି ଜୋନ୍‌ସଭାପତି ଶିବାନନ୍ଦ ଦାସ ଅଧିକାରୀଙ୍କ ନେତୃତ୍ୱରେ ଆଗରପଡ଼ା ଥାନାରେ, ବନ୍ତ, ବାସୁଦେବପୁର, ଚାନ୍ଦବାଲି, ତିହିଡ଼ି ଓ ଭଣ୍ଡାରିପୋଖରୀରେ ଭାଜପା ଏତଲା ଦେଇଛି। ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ଦଳୀୟ ନେତା ଅଶୋକ ପୁହାଣ, ନାରାୟଣ ରାଉତ, ବିଜୟ କୁମାର ରାମ, ପ୍ରିତମ ଦାସ, ଗୋଲାମ ଜିଲାନି ହବିବ, ଶ୍ରୀଧର ବେହେରା, ଅନିଲ ଘଡ଼େଇ, ରାଜୀବ ଦାସ, ଶ୍ରୀକାନ୍ତ ଦାସ, ସ୍ୱାଧୀନ ସମ୍ବିତ ଦାସ, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଧାମନଗର ଥାନାରେ ଏତଲା ଦେଇଛନ୍ତି।


ଭାଜପା କର୍ମକର୍ତ୍ତାମାନେ ଭଦ୍ରକ ଟାଉନ ଥାନାରେ ଏତଲା ଦେଉଛନ୍ତି।

## ଗୁଜିଦରଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

# 'ଛାତ୍ର ସମ୍ଭାବନାର ସକାଳ'

ଭଣ୍ଡାରିପୋଖରୀ, ୩।୩ (ସ୍ୱ.ପ୍ର.)



ଭଣ୍ଡାରିପୋଖରୀ ବ୍ଲକ ଗୁଜିଦରଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡ. ରାଧାରାଣୀ ମହାପାତ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ଶେଖ୍ ନାସିର ବକ୍ସ, ସମ୍ମାନିତ ବକ୍ତା କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ଭରତ ଚନ୍ଦ୍ର ଦାଶ ଏବଂ ସମ୍ମାନିତ ଅତିଥି ସରପଞ୍ଚ ଏସ୍.ଡି ଫାରହାତ୍ ଆଲାମ୍ ଖାନ, ଶେଖ୍ ଅବଦୁଲ, ଶେଖ୍ ଇରସାହ ଅହେମ୍ମଦ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ର ସମ୍ଭାବନାର ସକାଳ। ଶିକ୍ଷକ ଓ ଛାତ୍ରଙ୍କ ମିଳନରେ ଏକ ସୁନ୍ଦର ସମାଜ ଗଢ଼ା ଯାଇପାରିବ ବୋଲି ଅତିଥି ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ ସଭାରେ ପୌରୋହିତ୍ୟ କରିଥିଲେ। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ରଶ୍ମିରେଖା ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଜୟଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଜମଲ ହୁସେନ ଖାଁ, ରମେଶ ଚନ୍ଦ୍ର ସଏ, ସାହେରା ଖାତୁନ୍, ଶେଖ୍ ଗଦମଫର ଅଲି, ଅଂଶୁମାନ ପରିଡ଼ା, ସିକନ୍ଦର ଅଲି ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ

## ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା ବୈଠକ

କେନ୍ଦୁଝର,୩।୩(ଡି.ଏନ୍.ଏ/ସ୍ୱ.ପ୍ର)

କେନ୍ଦୁଝର ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା (ଦିଶା) କମିଟି ବୈଠକ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ଅଧକ୍ଷତା କରି ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର ସାମଗ୍ରୀକ ବିକାଶ ପାଇଁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।

ପ୍ରାରମ୍ଭରେ ଜିଲାପାଳ ଆଶିଷ ଠାକ୍‌ରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଡିଏଫ୍‌ଓ ଧନରାଜ ଏଚ୍‌ଡି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ଦିଶା କମିଟିର ସଦସ୍ୟା/ସଦସ୍ୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୩୦ଜୁନ୍ ୨୦୨୨ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଜିଲାରେ ଟେଲିକମ୍ ବିଭାଗର କାର୍ଯ୍ୟାବଳୀ, ନେଟୱାର୍କ ପାଉ ନ ଥିବା ଅଞ୍ଚଳ ତଥା ଅଗମ୍ୟ ଅଞ୍ଚଳରେ ଟେଲିଫୋନ୍ ସେବା ଉପଲବ୍ଧ କରାଇବା ପାଇଁ ବିଏସ୍‌ଏନ୍‌ଏଲ୍ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ନେଟୱାର୍କ ପାଉ ନ ଥିବା ଅଞ୍ଚଳମାନଙ୍କର ତାଲିକା ମଞ୍ଜୁର ନିମନ୍ତେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବା ନିମନ୍ତେ ବିଏସ୍‌ଏନ୍‌ଏଲ୍‌ର ଡେପୁଟି ଜେନେରାଲ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ନଂ-୨୦ ଏବଂ ଜାତୀୟ ରାଜପଥ ନଂ-୪୯ ର ସ୍ଥିତି, ଜିଲାର ସହରାଞ୍ଚଳମାନଙ୍କରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତା ଓ ଧାର୍ଯ୍ୟ ଲକ୍ଷ୍ୟ ହାସଲ, ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜିଲାରେ ସ୍ୱାସ୍ଥ୍ୟସେବା, ଖାଲି ପଡ଼ିଥିବା ଡାକ୍ତର ପଦବୀ, ପାରା ମେଡିକାଲ ଷ୍ଟାଫ୍ ପୂରଣ ଏବଂ ଭିତ୍ତିଭୂମିର ବିକାଶ ପାଇଁ ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନଭୋଜନ, ଓଡ଼ିଶା ଜୀବିକା ମିଶନ, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କ ପାଇଁ ନିଯୁକ୍ତି ମେଳା ଓ ଡିଏମ୍‌ଏଫ୍ ଅନୁଦାନରେ କାର୍ଯ୍ୟକାରୀ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀମାନେ।

# ନକଲି ଶିକ୍ଷକଙ୍କୁ ବହିଷ୍କାର ନିର୍ଦ୍ଦେଶ

ବାଲେଶ୍ୱର ଅଫିସ, ୩।୩


ବୈଠକରେ ଜିଲାପାଳ ଓ ବିଧାୟକ।

**ବାଲେଶ୍ୱର ଜିଲା ପରିଷଦର ଚତୁର୍ଥ ବୈଠକ**
**୨ ମାସ ମଧ୍ୟରେ ନିଯୁକ୍ତି ପାଇବେ ୨ ଶହ ଡାକ୍ତର**

ବାଲେଶ୍ୱର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଷଷ୍ଠ ଜିଲାପରିଷଦର ଚତୁର୍ଥ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଅଧକ୍ଷ ନାରାୟଣଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଅଶ୍ୱିନୀ ମହାପାତ୍ର, ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ମହାପାତ୍ର, ନୀଳଗିରି ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ମିଶ୍ର ପ୍ରମୁଖ ଯୋଗଦେଇ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ସେଗୁଡ଼ିକର ସଫଳ ରୂପାୟନରେ ଦେଖାଦେଉଥିବା ସମସ୍ୟା ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ।

ପୂର୍ବ ବୈଠକର ବିବରଣୀ ପ୍ରଦାନ ପରେ ୨୫ଟି ବିଭାଗର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଶିକ୍ଷା ବିଭାଗରେ ଆଲୋଚନା ସହ ଆସନ୍ତା ମେ' ସୁଦ୍ଧା ବାକି ରହିଥିବା ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଶେଷ କରି ଜିଲାର ୧୨ଟି ବ୍ଲକରେ ଶିକ୍ଷାଦାନ ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ ବ୍ଲକରେ ଶିକ୍ଷକତା କରୁଥିବା ୧୨ଜଣ ନକଲି ଶିକ୍ଷକଙ୍କୁ ବହିଷ୍କାର ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ଜିଲାର ୧୨ଟି ବ୍ଲକରୁ ୫ଟି ବ୍ଲକରେ ଖାଲି ପଡ଼ିଥିବା ବିଇଓଙ୍କ ପଦବୀ ପୂରଣ ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନାରେ ଆସନ୍ତା ୨ ମାସ ମଧ୍ୟରେ ଜିଲାରେ ୨ଶହ ନୂଆ ଡାକ୍ତର ନିଯୁକ୍ତି ଉପରେ ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। ଖାଦ୍ୟ ଓ ଯୋଗାଣ ବିଭାଗ ସମ୍ପର୍କରେ ଆଲୋଚନାରେ ଜିଲାର ମୋଟ୍ ପିଏଚ୍‌ଏଚ୍ ଯୋଜନାରେ ୪,୧୩,୭୦୮ ପରିବାରକୁ କାର୍ଡ଼ ଯୋଗାଇ ଦିଆଯାଇ ୧୫,୭୬,୦୪୨ଜଣ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଇଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। କୃଷି ଓ ଉଦ୍ୟାନ ବିଭାଗ ଦ୍ୱାରା ୨୦୨୨-୨୩ଆର୍ଥିକ ବର୍ଷରେ ଖରିଫ ଚାଷ ପାଇଁ ୨,୧୯,୬୭୦ହେକ୍ଟର ଜମି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୨,୧୫,୩୪୦ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ ହାସଲ ହୋଇପାରିଛି ବୋଲି ଅଧିକାରୀ ସୂଚନା ଦେଇଥିଲେ। ଏମ୍‌ଜିଏନଆରଇଜିଏସ୍ ସମେତ ଅନ୍ୟାନ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା। ଜିଲା ପରିଷଦର ସମସ୍ତ ସଦସ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତ ସମିତି ଅଧକ୍ଷ ଓ ବିଭିନ୍ନ ବିଭାଗର ଅଧିକାରୀ ବୈଠକରେ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ବୈଠକ ପରିଚାଳନା କରିଥିବା ବେଳେ ଉପାଧକ୍ଷା ଅନୁସୂୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।

